# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th January - 2025

*********************************

## ମୁଖ୍ୟ ସମ୍ବାଦ

- ଭବିଷ୍ୟତ ଯୁଦ୍ଧରେ ନୁହେଁ, ବରଂ ବୁଦ୍ଧଙ୍କ ଉପରେ ନିର୍ଭର କରେ; କହିଲେ ପ୍ରଧାନମନ୍ତ୍ରୀ ।

- ପ୍ରବାସୀ ଭାରତୀୟ ସମ୍ମିଳନୀର ଆସନ୍ତାକାଲି ଉଦ୍‌ଯାପନୀ ସମାରୋହରେ ଯୋଗଦେବାପାଇଁ ଭୁବନେଶ୍ୱରରେ ପହଞ୍ଚିଲେ ରାଷ୍ଟ୍ରପତି ।

- ଭବିଷ୍ୟତକୁ ସୁରକ୍ଷିତ କରିବାପାଇଁ ସବୁଜ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ପ୍ରଦାନ କଲେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ।

ଏବଂ

- ରାଜ୍ୟର ରାସନ କାର୍ଡ଼ ହିତାଧିକାରୀମାନଙ୍କୁ ଚଳିତ ମାସ ଶେଷ ସୁଦ୍ଧା ଇ-କେ.ୱାଇ.ସି. ପଞ୍ଜୀକରଣ କରିବାପାଇଁ ସରକାରଙ୍କ ପରାମର୍ଶ ।

*Desk*

# ପି.ଏମ୍. - ପ୍ରବାସୀ ଭାରତୀୟ

ଭବିଷ୍ୟତ ଯୁଦ୍ଧରେ ନୁହେଁ; ବରଂ ବୁଦ୍ଧଙ୍କ ମାର୍ଗ ଉପରେ ନିର୍ଭର କରେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଭୁବନେଶ୍ୱର ଜନତା ମଇଦାନରେ ଆଜି ତ୍ରି-ଦିବସୀୟ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଓଡ଼ିଶା ଭାରତର ସମୃଦ୍ଧ ଐତିହ୍ୟର ପ୍ରତିଫଳନ । ଏହି ଭୂମିରେ ସମ୍ରାଟ୍ ଅଶୋକ ଶାନ୍ତିର ମାର୍ଗ ବାଛିଥିଲେ । ଶ୍ରୀ ମୋଦୀ ପ୍ରବାସୀ ଭାରତୀୟଙ୍କୁ ଭାରତର ସାଂସ୍କୃତିକ ରାଷ୍ଟ୍ରଦୂତ ବୋଲି ଅବିହିତ କରିଛନ୍ତି । ସେ କହିଛନ୍ତି, ଆଜିର ଭାରତ ବିକାଶ ଏବଂ ଐତିହ୍ୟର ମନ୍ତ୍ର ନେଇ ଅଗ୍ରସର ହେଉଛି । ଏଥିରେ ପ୍ରବାସୀ ଭାରତୀୟମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପ୍ରଧାନମନ୍ତ୍ରୀ ଏହି ଅବସରରେ ପ୍ରବାସୀ ଭାରତୀୟମାନଙ୍କୁ ନିଜ ସଂସ୍କୃତି ଓ ଇତିହାସ ସହିତ ଯୋଡ଼ି ହେବା ପାଇଁ ଆହ୍ୱାନ ଦେଇଛନ୍ତି ।

***Voice :...............***

ସେ କହିଛନ୍ତି, ପ୍ରବାସୀମାନଙ୍କ ପ୍ରତ୍ୟେକ ପ୍ରୟାସ ଭାରତର ବିକାଶର ଯାତ୍ରାକୁ ଆହୁରି ସୁଦୃଢ଼ କରିବ ।

ପ୍ରଧାନମନ୍ତ୍ରୀ କହିଛନ୍ତି,ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିକ ରାଷ୍ଟ୍ରରେ ପରିଣତ ହେବାକୁ ଯାଉଛି । ଭାରତ ବିଶ୍ୱବନ୍ଧୁର ପରିଚୟ ପାଇଛି ।

ଭାରତ' ବିଶ୍ୱର ସବୁଠାରୁ ଯୁବ ଏବଂ ଦକ୍ଷ ମାନବ ସମ୍ବଳ ବିଶିଷ୍ଟ ଦେଶରେ ପରିଣତ ହୋଇଛି । କେନ୍ଦ୍ର ସରକାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ **ମା' ପାଇଁ ଗଛଟିଏ** ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି । ଶ୍ରୀ ମୋଦୀ ଥିମ୍ ପାଭିଲିୟନ୍‌କୁ ଉଦ୍‌ଘାଟନ କରିବା ସହ ଦେଶର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ପରିଦର୍ଶନ ପାଇଁ ପ୍ରବାସୀ ଭାରତୀୟ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ତି । କାର୍ଯ୍ୟକ୍ରମରେ ତ୍ରିନିଦାଦ୍ ଓ ଟୋବାଗୋ ଗଣରାଜ୍ୟର ରାଷ୍ଟ୍ରପତି କ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ପ୍ରବାସୀ ଭାରତୀୟ ସମ୍ମିଳନୀରେ ଯୋଗ ଦେବାପାଇଁ ଭୁବନେଶ୍ୱରକୁ ବିଭିନ୍ନ ଦେଶରୁ ପ୍ରବାସୀ ଭାରତୀୟମାନେ ଆସିଛନ୍ତି । ସମ୍ମିଳନୀରେ ଯୋଗ ଦେବାପାଇଁ ଦୁବାଇରୁ ଆସିଥିବା ବରଗଡ଼ ଜିଲ୍ଲା ମୂଳନିବାସୀ ଡାକ୍ତର ଚନ୍ଦ୍ରଶେଖର ଖୁଣ୍ଟିଆ ଆକାଶବାଣୀକୁ କହିଛନ୍ତି :

***Voice :..........***

***Puri/R***

## ରାଷ୍ଟ୍ରପତି - ପ୍ରବାସୀ ଭାରତୀୟ

ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ଅଷ୍ଟାଦଶ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ସମାରୋହରେ ଯୋଗଦେବାପାଇଁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରରେ ପହଞ୍ଚିଛନ୍ତି । ରାଷ୍ଟ୍ରପତି ଆସନ୍ତାକାଲି ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧନ କରିବେ । ଏହାସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନପାଇଁ କେତେ ଜଣ ପ୍ରବାସୀ ଭାରତୀୟଙ୍କୁ ସମ୍ମାନିତ କରିବେ ବୋଲି ସୂଚନା ମିଳିଛି ।

***Desk***

# ଅଶ୍ୱିନୀ ବୈଷ୍ଣବ - ପ୍ରବାସୀ ଭାରତୀୟ

ଆଗାମୀ ପିଢ଼ିର ଭବିଷ୍ୟତକୁ ସୁରକ୍ଷିତ କରିବାପାଇଁ ସୁସ୍ଥ ଓ ସବୁଜ ଶକ୍ତିର ବ୍ୟବହାର ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ରେଳ, ସୂଚନା ଓ ପ୍ରସାରଣ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ପ୍ରବାସୀ ଭାରତୀୟ ଦିବସ ସମ୍ମିଳନୀରେ "ସବୁଜ ଶକ୍ତି ଏବଂ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ପ୍ରବାସୀ ଭାରତୀୟଙ୍କ ଅବଦାନ" ସମ୍ପର୍କରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ଯୋଗଦେଇ ଶ୍ରୀ ବୈଷ୍ଣବ ସବୁଜ ଶକ୍ତି, ନୂତନ ପ୍ରଯୁକ୍ତି ବିଦ୍ୟା ଏବଂ ମୂଳତତ୍ତ୍ୱର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ବର୍ତ୍ତମାନ ସବୁଜ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱ ଦେଉଛି । ଦେଶରେ ୪୫ ପ୍ରତିଶତ ବିଦ୍ୟୁତ୍ ଅକ୍ଷୟ ଶକ୍ତିରୁ ଉତ୍ପାଦନ କରାଯାଉଛି, ଯାହା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଉନ୍ନତ ଜ୍ଞାନକୌଶଳରେ ଦେଶ ଆତ୍ମନିର୍ଭରଶୀଳ

ହେବା ସହ ନିଜସ୍ୱ କୁଶଳୀ ଯନ୍ତ୍ରୀମାନଙ୍କଦ୍ୱାରା ଉଚ୍ଚ କ୍ଷମତାସମ୍ପନ୍ନ ଉଦ୍‌ଜାନଚାଳିତ ଟ୍ରେନ୍ ନିର୍ମାଣ କରିବାରେ ସକ୍ଷମ ହୋଇଛି । ଆଗାମୀ ସମୟରେ ୯୭ ପ୍ରତିଶତରୁ ଊର୍ଦ୍ଧ୍ୱ ରେଳ ଭିତ୍ତିଭୂମିକୁ ବିଦ୍ୟୁତ୍‌କରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

***HS***

# ଆଇ.ଆଇ.ଟି. ହବ୍

ଓଡ଼ିଶା ଆଗାମୀ ୨ରୁ ୩ ବର୍ଷ ମଧ୍ୟରେ ଆଇ.ଟି. ହବ୍‌ରେ ପରିଣତ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଏ ସମ୍ପର୍କରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ବିସ୍ତୃତ ଭାବେ ଆଲୋଚନା କରିଥିବା ନେଇ କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି । ଶ୍ରୀ ବୈଷ୍ଣବ କହିଛନ୍ତି, ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଏଆଇ, ମେସିନ ଲର୍ଣ୍ଣିଂ ଆଦି କ୍ଷେତ୍ରରେ ଯୁବକ ଓ ଯୁବତୀଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରାଯିବ । ଏ ନେଇ ଦୁଇରୁ ତିନି ମାସ ଭିତରେ ପଦକ୍ଷେପ ନିଆଯିବ । ସେହିଭଳି ରାଜ୍ୟରେ ରେଳ ପ୍ରକଳ୍ପଗୁଡ଼ିକର ବିକାଶ ନେଇ ମଧ୍ୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ।  ଆଲୋଚନା ସମୟରେ ଆଉ କିଛି ନୂଆ ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରସ୍ତାବ ଦେଇଥିବା ରେଳମନ୍ତ୍ରୀ ସୂଚନା ଦେଇଛନ୍ତି ।

*PIB*

# ମାଣ୍ଡଭୀୟ - ସାଇକେଲ୍ ଟ୍ରାକ୍

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସାଇକେଲ୍ ଚାଳନା ଟ୍ରାକ୍‌ର ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ଶ୍ରୀ ମାଣ୍ଡଭୀୟ କହିଛନ୍ତି, ଦେଶ ଆଜି ଶିକ୍ଷା ଓ କ୍ରୀଡ଼ା କ୍ଷେତ୍ରରେ ଅଗ୍ରଗତି କରୁଛି । ସାଇକେଲ୍ ଚାଳନାରେ ରାଜ୍ୟର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ମୀନତି ମହାପାତ୍ରଙ୍କ ନାମରେ ଟ୍ରାକ୍‌ର ନାମକରଣ କରାଯାଇଛି ।

*HS*

# ରାସନ କାର୍ଡ଼ - କେ.ଓ୍ୱାଇ.ସି.

ରାଜ୍ୟରେ ଥିବା ହିତାଧିକାରୀମାନେ ଆସନ୍ତା ୩୧ ସୁଦ୍ଧା ଇ-କେଓ୍ୱାଇସି ନ କଲେ ରାସନ କାର୍ଡ କଟିଯିବ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ମନ୍ତ୍ରୀ କହିଛନ୍ତି, ଆଜିସୁଦ୍ଧା ୪୯ ଲକ୍ଷ ହିତାଧିକାରୀ ଇ-କେଓ୍ୱାଇସି କରି ନାହାନ୍ତି । ଇ-କେ.ଓ୍ୱାଇ.ସି. ପ୍ରକ୍ରିୟା ଶେଷ ହେବା ପରେ ହିତାଧିକାରୀମାନଙ୍କୁ ନୂଆ ରାସନ କାର୍ଡ଼ ମିଳିବ ବୋଲି ଶ୍ରୀ ପାତ୍ର ସୂଚନା ଦେଇଛନ୍ତି ।

*HS*

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା

ରାଜ୍ୟରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ମିଳିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ନାଏକ କହିଛନ୍ତି, ଯୋଗ୍ୟ ହିତାଧିକାରୀଙ୍କୁ ପକ୍କାଘର ଦେବାପାଇଁ ସର୍ବେକ୍ଷଣ ଆରମ୍ଭ ହୋଇଯାଇଛି । ଆସନ୍ତା ୨ ମାସ ଭିତରେ ସରକାରଙ୍କ ପାଖରେ ସର୍ବେକ୍ଷଣ ରିପୋର୍ଟ ଦାଖଲ କରାଯିବ । ସର୍ବେକ୍ଷଣ ପରେ ପକ୍କାଘର ଯୋଗାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଛନ୍ତି ।

*HS*

# ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରୀକ୍ଷା ପେ ଚର୍ଚ୍ଚା-୨୦୨୫ କାର୍ଯ୍ୟକ୍ରମପାଇଁ ବର୍ତ୍ତମାନ ସୁଦ୍ଧା ୨ କୋଟି ୭୯ ଲକ୍ଷରୁ ଅଧିକ ବିଦ୍ୟାର୍ଥୀ, ଅଭିଭାବକ ଓ ଶିକ୍ଷକ ପଞ୍ଜୀକରଣ କରିଛନ୍ତି । ଶିକ୍ଷା ମନ୍ତ୍ରଣାଳୟର ସୂଚନା ଅନୁସାରେ, ଆସନ୍ତା ୧୪ ତାରିଖ ହେଉଛି ପଞ୍ଜୀକରଣର ଶେଷ ଦିନ । ଗତ ଡିସେମ୍ବର ୧୪ ତାରିଖରେ ପରୀକ୍ଷା ପେ ଚର୍ଚ୍ଚାରେ ଭାଗ ନେବାପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି ।

*Dhenkanal/R*

# ଯୋରନ୍ଦା ମେଳା - ପ୍ରସ୍ତୁତି ବୈଠକ

ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଯୋରନ୍ଦା ମାଘମେଳା ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମାଘମେଳାକୁ ଶାନ୍ତିଶୃଙ୍ଖଳା ଏବଂ ଧାର୍ମିକ ଭାବନା ମଧ୍ୟରେ ଆୟୋଜନ ପାଇଁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଉଠାଦୋକାନୀଙ୍କୁ ବ୍ୟବସ୍ଥିତ କରିବା, ଯାତ୍ରାପଡ଼ିଆରେ ଆଲୋକୀକରଣ, ନିୟମିତ ବିଦ୍ୟୁତ୍‌ଯୋଗାଣ, ଆଶୁଚିକିତ୍ସା ଓ ଅସ୍ଥାୟୀ ସ୍ୱାସ୍ଥ୍ୟଶିବିର, ଟ୍ରାଫିକ୍ ବ୍ୟବସ୍ଥା ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଥିଲା । ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନ୍‌କର, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଆସନ୍ତାମାସ ୧୧ ଓ ୧୨ ତାରିଖ ଦୁଇଦିନ ଧରି ଯୋରନ୍ଦା ମେଳା ଅନୁଷ୍ଠିତ ହେବ ।

*Puri, Boudh, Malkangiri, Rayagada, Nayagarh/R*

**ବର୍ତ୍ତମାନ ଶୁଣନ୍ତୁ ସଂକ୍ଷିପ୍ତରେ କିଛି ସମ୍ବାଦ....**

ପୁରୀ ସ୍ୱର୍ଗଦ୍ୱାର ସମୁଦ୍ର କୂଳ ନିକଟରେ ସନ୍ଧ୍ୟା ସମୁଦ୍ର ଆରତି କାର୍ଯ୍ୟକ୍ରମର ବାର୍ଷିକ ମହୋତ୍ସବ ଗୋବର୍ଦ୍ଧନ ପୀଠ ପକ୍ଷରୁ ଆୟୋଜନ କରାଯାଇଛି । ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ପୁରୀ ସାଂସଦ ସମ୍ବିତ୍ ପାତ୍ର ଏବଂ ସାଧୁସନ୍ଥମାନେ  ସନ୍ଧ୍ୟା ଆରତି ଭାଗ ନେଇଛନ୍ତି ।

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଶିଶୁ ସୁରକ୍ଷା ଓ ବାଲ୍ୟ ବିବାହ ସମ୍ପର୍କରେ ସମୀକ୍ଷା କରିଥିଲେ ।

ମାଲକାନଗିରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ରେଡ୍‌କ୍ରସ ସୋସାଇଟି ପକ୍ଷରୁ ଆଜି ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା । ୧୭୨ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ରକ୍ତଦାତାମାନଙ୍କୁ ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ଦିଆଯାଇ ଉତ୍ସାହିତ କରାଯାଇଥିଲା ।

ରାୟଗଡ଼ାସ୍ଥିତ ଝୁଲାବ୍ରିଜ୍ ନିକଟ ନାଗାବଳୀ ନଦୀରେ ଏକ ଘରୋଇ ସ୍କୁଲ୍‌ର ଦୁଇ ଜଣ ଷଷ୍ଠଶ୍ରେଣୀ ଛାତ୍ର ଅସାବଧାନତା ଯୋଗୁଁ ଭାସିଯାଇ ମୃତ୍ୟୁବରଣ କରିଛନ୍ତି ।

ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮ତମ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା । ଜିଲ୍ଲାପାଳ ଅକ୍ଷୟ ସୁନିଲ୍ ଅଗ୍ରୱାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସେହିଭଳି ବୌଦ୍ଧ ଟାଉନ୍ ହଲ୍‌ଠାରେ ସମଗ୍ର ଶିକ୍ଷାବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ୧୮ତମ ପ୍ରବାସୀ ଭାରତୀୟ ଦିବସ ପାଳନ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ ।

*****